# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 October – 2025**

**********************************

## ମୁଖ୍ୟ ସମ୍ବାଦ

- ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ମାତୃଭୂମିର ସେବାରେ ଉତ୍ସର୍ଗୀକୃତ ପୁଲିସ୍‌ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟରେ ଆଜି ପାଳନ କରାଯାଉଛି ପୁଲିସ୍ ସହିଦ ଦିବସ
- ଶ୍ରୀମନ୍ଦିରରେ ଅମାବାସ୍ୟା ତିଥିରେ ମହାପ୍ରଭୁଙ୍କର ଚାଲିଛି ସାଗରବିଜେ ନୀତି

ଏବଂ

- ବଙ୍ଗୋପସାଗରରେ ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ ।  1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୪ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ପୁଲିସ୍ ସହିଦ ଦିବସ

ମାତୃଭୂମିର ସେବା ଏବଂ ପ୍ରାଣବଳୀ ଦେଇଥିବା ବୀର ପୁଲିସ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ଆଜିର ଦିନକୁ ପୁଲିସ ସହିଦ ଦିବସ ଭାବେ ପାଳନ କରାଯାଉଛି । ଶାନ୍ତିଶୃଙ୍ଖଳା, ମାଓ ଦମନ ଏବଂ ଲୋକମାନଙ୍କ ସୁରକ୍ଷା ଦେଉଥିବା ସମୟରେ ପୁଲିସ୍ କର୍ମଚାରୀମାନଙ୍କ ବଳିଦାନ ମନେ ରଖିବାପାଇଁ ଏହି ଦିବସ ପାଳନ କରାଯାଉଛି ।

ପୁଲିସ୍ ସହିଦ୍ ଦିବସ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପୁଲିସ୍ କର୍ମଚାରୀମାନଙ୍କର ଅତୁଟ ସମର୍ପଣକୁ ସମ୍ମାନ ଜଣାଇଛନ୍ତି। ପୁଲିସ୍ କର୍ମଚାରୀଙ୍କର ସାହସ ଓ ଅବିରତ ପ୍ରୟାସ ଯୋଗୁଁ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅମୂଲ୍ୟ ସେବା ଓ ବଳିଦାନ ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ସେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ଏହି ଅବସରରେ ପୁଲିସ୍ କର୍ମଚାରୀଙ୍କ ସାହସ, ସମର୍ପଣ ଓ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଦେଶର ସୁରକ୍ଷା ଓ ଶାନ୍ତି ବଜାୟ ରଖିବାରେ ପୁଲିସ୍ ବଳର ଭୂମିକା ଅମୂଲ୍ୟ ଓ ସ୍ମରଣୀୟ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସହିଦମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଥିବା ସମ୍ବାଦ ଆମର ହସ୍ତଗତ ହେଉଛି ।

**କଟକ**ସ୍ଥିତ ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ *୬୬*ତମ ପୁଲିସ୍ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବରିଷ୍ଠ ପୁଲିସ୍

ଅଧିକାରୀମାନେ ଉପସ୍ଥିତ ରହି ଅମର ସହିଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

**ପୁରୀ** ରିଜର୍ଭ ପୁଲିସ୍ ପଡିଆଠାରେ ଏସ୍‌ପି ପ୍ରତୀକ ସିଂ ସହିଦ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ବେତାଗୁଡ଼ା ସଶସ୍ତ୍ର ପୁଲିସ୍ ପଡିଆଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ  ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମାଓବାଦୀ କାର୍ଯ୍ୟକଳାପ କିମ୍ବା ଯେକୌଣସି ବିପଦ ସମୟରେ ଉଚିତ ମୁକାବିଲା କରିବା ସହ ନିରବଚ୍ଛିନ୍ନ ଓ ନିର୍ଭିକ ଭାବେ ସେବା ପ୍ରଦାନ କରିବା ପାଇଁ ଉପସ୍ଥିତ ପୁଲିସ୍ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।  ଏହି ଅବସରରେ ପୁଲିସ୍ ସହିଦ୍ ସ୍ମୃତିସ୍ତମ୍ଭଠାରେ ଶ୍ରଦ୍ଧାଞ୍ଜଳି କରାଯିବା ସହ ଜିଲ୍ଲାର ଦୁଇ ସହିଦ୍ ପୁଲିସ୍ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ନବରଙ୍ଗପୁର** ଜିଲ୍ଲା ରିଜର୍ଭ ପୁଲିସ୍ ପଡିଆଠାରେ ଆରକ୍ଷୀ ଅଧିକ୍ଷକ ଏମ୍ ସୁନୀଲ ସମ୍ପତ ସହିଦ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜନସାଧାରଣ ଓ ଦେଶ ପାଇଁ ପୁଲିସ୍ ବାହିନୀ ସର୍ବଦା ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରୁଛି ବୋଲି କହିଛନ୍ତି।

**ଭଦ୍ରକ** ଜିଲ୍ଲା ଚରମ୍ପା ରିଜର୍ଭ ପୁଲିସ୍ ପଡିଆଠାରେ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ଅଭିବାଦନ ଗ୍ରହଣ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ।

**ରାୟଗଡ଼ା** ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଭାମିନିସ୍ଥିତ ଭାରତୀୟ ସଂରକ୍ଷିତ ବାହିନୀରେ ପୁଲିସ୍ ସହିଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଟାଲୟନ୍‌ର ଦୁର୍ଗପତି ବ୍ରଜମୋହନ ନାୟକ ଯୋଗଦେଇ ସହିଦ ଯବାନ୍‌ମାନଙ୍କର ସ୍ମୃତିଚାରଣ କରିଥିଲେ।

**ବୌଦ୍ଧ** ଜିଲ୍ଲା ପୁଲିସ୍ ଓ ପଞ୍ଚମ ଆଇ.ଆର.ବି ପକ୍ଷରୁ ବଲାସିଙ୍ଗାସ୍ଥିତ ପରେଡ୍ ପଡିଆଠାରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଯୋଗଦେଇ ସହିଦ ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସାଗରବିଜେ ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଅମାବାସ୍ୟା ତିଥିରେ ମହାପ୍ରଭୁଙ୍କର ସାଗରବିଜେ ନୀତି ଅନୁଷ୍ଠିତ ହେଉଛି। ପରମ୍ପରା ଅନୁଯାୟୀ, ସକାଳ ଧୂପ ଓ ବାଳଧୂପ ନୀତି ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ସାଗର ନାରାୟଣ ପାଲିଙ୍କିରେ ବିଜେ କରାଯାଇଛି। ସାଗର ନାରାୟଣ ସ୍ୱର୍ଗଦ୍ୱାର ନିକଟ ମହୋଦଧି ତଟରେ ପହଞ୍ଚିବା ପରେ ସେଠାରେ ପରମ୍ପରା ଅନୁସାରେ ନୀତିକାନ୍ତି କରାଯିବ। ଅନ୍ୟପକ୍ଷରେ, ଗତକାଲି ଏବଂ ଆଜି ଶ୍ରଦ୍ଧାଳୁମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରୁଛନ୍ତି।

## କାଳୀପୂଜା

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ବୀରଗୋବିନ୍ଦପୁର ମା’ ଦକ୍ଷିଣକାଳୀଙ୍କ ପୀଠରେ ପାରମ୍ପରିକ ରୀତିନୀତିରେ କାଳୀପୂଜା ଅନୁଷ୍ଠିତ ହୋଇଛି। ପୂର୍ବାହ୍ଣ ୧୦ଟାଠାରୁ ସାହାଣମେଳା ଆରମ୍ଭ ହୋଇଛି। ରାତି ୧୧ଟାରୁ ମା’ଙ୍କର ଜଳପ୍ରଭା ଯାତ୍ରା ଆରମ୍ଭ ହେବ। ଦକ୍ଷିଣକାଳୀଙ୍କ ଅନ୍ୟ

ଦୁଇ ଭଉଣୀ, ସମଯାଜପୁରର ମା' ଉଗ୍ରତାରା ଓ ବୀରପ୍ରତାପପୁରର ମା' କାମରୂପାଙ୍କ ପୀଠରେ ମଧ୍ୟ ସମାନ ଧରଣର ପୂଜା ନୀତି ଚାଲିଛି। ଆଜି ମଧ୍ୟରାତ୍ରରେ ମା' ଦକ୍ଷିଣକାଳୀଙ୍କ ବିସର୍ଜନ ନୀତି ଅନୁଷ୍ଠିତ ହେବ।

# ନୂଆପଡ଼ା- ଉପନିର୍ବାଚନ ଡାଟା

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ଜଣ ପୁରୁଷ ଓ ୧ ଲକ୍ଷ ୨୬ ହଜାର ୧୩୨ ଜଣ ମହିଳା ଭୋଟର ଅଛନ୍ତି । ୨୧ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ଏହି ଭୋଟରଙ୍କ ମଧ୍ୟରେ ୪ ହଜାର ଦିବ୍ୟାଙ୍ଗ ଭୋଟର ଥିବାବେଳେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ୨ ହଜାର ୭ ଜଣ ଭୋଟର ରହିଛନ୍ତି ।

ସୂଚନା ଅନୁଯାୟୀ ନୂଆପଡ଼ା ବିଧାନସଭା କ୍ଷେତ୍ରରେ ୩୫୮ଟି ମତଦାନ କେନ୍ଦ୍ରରେ ଆସନ୍ତା ନଭେମ୍ବର ମାସ ୧୧ ତାରିଖ ଦିନ ଭୋଟ୍ ଗ୍ରହଣ ହେବ । ଯେଉଁ ବୁଥ୍‌ରେ ୧୨ଶହରୁ ଅଧିକ ଭୋଟର ଅଛନ୍ତି, ସେହି ସବୁ ସ୍ଥାନଗୁଡ଼ିକରେ ୫୬ଟି ନୂଆ ଅତିରିକ୍ତ ବୁଥ୍ କରାଯାଇଛି ।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ମାଓ ପ୍ରଭାବିତ ଅଞ୍ଚଳରେ ଥିବା ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ପାଇଁ ସମୟ

ନିର୍ଘଣ୍ଟ କରାଯାଇଥିବା ବେଳେ ଅନ୍ୟ ସବୁ ବୁଥ୍‌ରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ ।

## ଇ.ସି.ଆଇ. - ଅବ୍‌ଜରଭର୍ସ

ବିଧାନସଭା ଉପନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ଲକ୍ଷ୍ୟ ନେଇ ତୀକ୍ଷ୍ଣ ନଜର ରଖିବାକୁ ନିର୍ବାଚନ କମିଶନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ୍ କହିଛନ୍ତି, ବିଭିନ୍ନ ରାଜ୍ୟରେ ହେବାକୁଥିବା ୮ଟି ବିଧାନସଭାମଣ୍ଡଳୀ ଉପନିର୍ବାଚନ ପାଇଁ ୮ ଜଣ ଲେଖାଏଁ ସାଧାରଣ ଓ ପୁଲିସ୍ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଥିବା କମିଶନ ସୂଚନା ଦେଇଛନ୍ତି । ନିର୍ବାଚନ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କମିଶନ୍ ପର୍ଯ୍ୟବେକ୍ଷକମାନଙ୍କୁ କହିଛନ୍ତି । ରାଜନୈତିକ ଦଳର ପ୍ରତିନିଧି, ପ୍ରାର୍ଥୀ ଏବଂ ମତଦାତାଙ୍କ ସହ ସମନ୍ୱୟ ରକ୍ଷା କରି ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ କମିଶନ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ମତଦାନ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିବା ସହିତ ମତଦାତାଙ୍କ ସୁବିଧାପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାଗୁଡ଼ିକର ସଠିକ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ କମିଶନ୍ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ନଭେମ୍ବର ମାସ ୨୪ ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ରାଜସ୍ଥାନର ୭ଟି ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରଥମଥର ପାଇଁ ବିଚ୍ ଭଲିବଲ୍, କାନୋଇ ଓ କାୟାକିଙ୍ଗ, ସାଇକେଲ ଚାଳନା ଏବଂ ଖୋଖୋ ପ୍ରତିଯୋଗିତାକୁ ସାମିଲ କରାଯାଇଛି । ୧୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୫ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିବେ ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଅଧିକ ଘନୀଭୂତ ହୋଇ ଏହା ଆସନ୍ତା ୨୩ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।  ଏହି ସମୟ ମଧ୍ୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ।

ଏକ ଆମେରିକୀୟ ଘରୋଇ ପାଣିପାଗ ସଂସ୍ଥାର ଆକଳନ ଅନୁସାରେ, ଚଳିତମାସ ୨୬ ତାରିଖ ଏବଂ ୨୯ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି।

ଯାହାର ପ୍ରଭାବରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ଅଂଚଳରେ ବର୍ଷା ସମ୍ଭାବନା ରହିଛି। ତେବେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଜାରି ପରାଯାଇନାହିଁ।

ସମ୍ଭାବ୍ୟ ଲଘୁଚାପ ବର୍ଷାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟ ସରକାର ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ଜିଲ୍ଲା ପ୍ରଶାସନଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଗତ ୩୬ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ସ୍ୱାମପାଟଣାଠାରେ ୭୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନୁଗୁଳ ଜିଲ୍ଲାର ଟିକରପଡାରେ ୬୨ ଦଶମିକ ୮ ମିଲିମିଟର ଓ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀଠାରେ ୫୫ମିଲିମିଟର ବର୍ଷା ହୋଇଯାଇଛି।

ଏହା ବ୍ୟତୀତ କଟକ, ଦଶପଲ୍ଲା, ବଲାଙ୍ଗିର, ନର୍ଲା, କୋଟପାଡ, ନୟାଗଡ଼, ଭବାନୀପାଟଣାଠାରେ ୩୨ ରୁ ୪୭ ମିଲିମିଟର ବର୍ଷା ହୋଇଯାଇଛି।